# ସତ୍ୟବାକ୍ୟ

# THE WORD OF TRUTH

## NOVEMBER & DECEMBER - 2010

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

Vol.15.NOV & DEC-2010.No-6

Published every two months in **Oriya** language for the Restoration of pure New Testament Christianity

Hear **SATYA VANI Oriya Radio** programme on
**Radio SriLanka**
Every Sunday at 6:45 a.m.

Write for free Bible Correspondence course in Telugu & Oriya to:

**The Director**
Bible Correspondence Course
P.O.Box.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - XV KAKINADA NOV-DEC-2010


## ମଣ୍ଡଳୀର କାର୍ଯ୍ୟ

## (Work of the Church)

ପୂର୍ବ ଅଧ୍ୟାୟ ଗୁଡିକରେ 'ମଣ୍ଡଳୀ'ର ସ୍ଥାପନ ପଦ୍ଧତି ପ୍ରଭୃତି ବିପୁଳ ଭାବେ ବର୍ଣ୍ଣନା କରାଯାଇଅଛି । ଏହି ପାଠରେ ମଣ୍ଡଳୀର କାର୍ଯ୍ୟ ବିଷୟରେ ସରଳ ଭାବେ ବୁଝାଇ ଦିଆଯାଇ ଅଛି ।

ପ୍ରତ୍ୟେକ ସଂସ୍ଥା କୌଣସି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଗଠିତ ହୋଇଥାଏ । ସେହି ପ୍ରକାରେ 'ଖ୍ରୀଷ୍ଟଙ୍କ ମଣ୍ଡଳୀ' ତାହାଙ୍କ ଇଚ୍ଛା ଓ ଆଜ୍ଞାନୁସାରେ ଚାଲିବା ନିମନ୍ତେ ସ୍ଥାପିତ ହୋଇଅଛି । ସୁସମାଚାର ପ୍ରଚାର କରିବାକୁ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ଭଡାକରି, ସୁସମାଚାର ପ୍ରଚାର ପାଇଁ ପଠାଇବା ବ୍ୟାପାର ମଣ୍ଡଳୀ କରେ ନାହିଁ । ଖ୍ୟାତି ଲାଭ ନିମନ୍ତେ ଦାନ କରେ ନାହିଁ । ଦେଶରେ ଥିବା ପାଠଶାଳାମାନଙ୍କ ଉପରେ ଅଧିକାର କରିବା ମଣ୍ଡଳୀର କାର୍ଯ୍ୟ ନୁହେଁ । ଏହି ସବୁ କାର୍ଯ୍ୟଗୁଡିକ ମନୁଷ୍ୟର ଜୀବନର ଅତିମୁଖ୍ୟ ସ୍ଥାନ ନେଇଥାଏ । ତଥାପି ଏହି ସବୁ କାର୍ଯ୍ୟଗୁଡିକ ମଣ୍ଡଳୀର ନୁହେଁ ।

ଜଗତରେ ଖ୍ରୀଷ୍ଟଙ୍କ ମଣ୍ଡଳୀର କାର୍ଯ୍ୟ ଚିରସ୍ଥାୟୀ । ଏ ମଣ୍ଡଳୀ ଆପଣା କାର୍ଯ୍ୟ ବହନ କରି, ସ୍ୱର୍ଗସ୍ଥ ପରମେଶ୍ୱରଙ୍କ ଗୌରବାନ୍ୱିତ କରେ । ମଣ୍ଡଳୀର ବିଧାନଗୁଡିକ ଈଶ୍ୱରଙ୍କ ଦତ୍ତ । ତେଣୁ କରି ସେହି ଆଜ୍ଞାଗୁଡିକ ନ କଲେ ପରମେଶ୍ୱରଙ୍କୁ ଅପାମନିତ କରିଥାଉ ।

'ମଣ୍ଡଳୀ'ର କାର୍ଯ୍ୟକୁ ଆମ୍ଭେମାନେ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରିପାରୁ । ପ୍ରଥମରେ, ମନୁଷ୍ୟମାନଙ୍କ ଆତ୍ମା ରକ୍ଷା କରିବା ନିମନ୍ତେ ସୁସମାଚାର ପ୍ରଚାର ଓ ଦ୍ୱିତୀୟରେ ଦରିଦ୍ରମାନଙ୍କୁ ସାହାଯ୍ୟ କରିବା ।

ସ୍ୱର୍ଗାରୋହଣ ପୂର୍ବରୁ ଯୀଶୁଖ୍ରୀଷ୍ଟ ଶିଷ୍ୟମାନଙ୍କୁ ଏପରି ଆଜ୍ଞା ଦେଲେ "ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବ ଜାତି ନିକଟରେ ସୁସମାଚାର ଘୋଷଣା କର,

ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ; କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।" (ମାର୍କ ୧୬:୧୫,୧୬) । ଖ୍ରୀଷ୍ଟଙ୍କର ଏହି ଆଜ୍ଞା ମାଥିଉଙ୍କ ଭାଷାରେ, "ଅତଏବ ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦା ସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ଅଛି ।" (ମାଥିଉ ୨୮:୧୯-୨୦) ତେଣୁ କରି ସବୁ ଲୋକଙ୍କୁ ସୁସମାଚାର ପ୍ରଚାର କରିବା ମଣ୍ଡଳୀର ପ୍ରଧାନ କାର୍ଯ୍ୟ ।

ସୁସମାଚାର ପ୍ରଚାର ନିମନ୍ତେ ଆମ୍ଭେମାନେ କିପରି ଯିବା ଆବଶ୍ୟକ ସେ ବିଷୟରେ ଯୀଶୁ ଆମ୍ଭମାନଙ୍କୁ କୌଣସି ସୂତ୍ର ଦେଇ ନାହାନ୍ତି । ଆମ୍ଭେମାନେ ସୁସମାଚାର ବ୍ୟତୀତ, ମନୁଷ୍ୟର ଆପଣା ନୀତି ନିୟମ ପ୍ରଚାର କରିବା, ଈଶ୍ୱରଙ୍କ ଆଜ୍ଞା ବିରୁଦ୍ଧ । ସୁସମାଚାର ସାମୟିକ ସୁସମାଚାର ପତ୍ରିକା ଦ୍ୱାରା (**Magazine**) ରେଡିଓ ଦ୍ୱାରା କିଅବା ଟେଲିଭିଜନ୍(**T.V.**) ଦ୍ୱାରା ପ୍ରଭୃତି ଦ୍ୱାରା ପ୍ରଚାର କରିପାରୁ । ଆମ୍ଭେମାନେ ଯେ କୌଣସି ଦ୍ୱାରା ହେଉ. ଈଶ୍ୱରଙ୍କ ସୁସମାଚାର ସତ୍ୟଭାବେ ପ୍ରଚାର କରିବା ଆବଶ୍ୟକ । ପାଉଲ ୨ୟ ତୀମଥି ୪:୨ ଲେଖିଛନ୍ତି, "ବାକ୍ୟ ପ୍ରଚାରକର ସମୟରେ କି ଅସମୟରେ ସେଥିର ଉଦ୍‌ଯୋଗୀ ହୁଅ ।" ତେବେ ଆମ୍ଭେମାନେ କଅଣ ପ୍ରଚାର କରିବା ଆବଶ୍ୟକ ? କେବଳ ଈଶ୍ୱରଙ୍କ ସତ୍ୟ ବାକ୍ୟ, ମଣ୍ଡଳୀ କରୁଥିବା ସମସ୍ତ କାର୍ଯ୍ୟ, ପ୍ରଚାର କରିଥିବା ସମସ୍ତ ଉପଦେଶ ମନୁଷ୍ୟର ଆତ୍ମାକୁ ରକ୍ଷା କରେ ବୋଲି ଆମ୍ଭେମାନେ ମନେ ରଖିବା ଉଚିତ । ଆମ୍ଭମାନଙ୍କର ଆତ୍ମାର ରକ୍ଷା ନିମନ୍ତେ ଓ ଅନ୍ୟମାନଙ୍କର ଆତ୍ମାର ରକ୍ଷା ନିମନ୍ତେ ସମସ୍ତଙ୍କୁ ଈଶ୍ୱର ବାକ୍ୟ ଶୁଣିବା ଆବଶ୍ୟକ । ଅନ୍ୟମାନଙ୍କୁ ରକ୍ଷା କରିବା ନିମନ୍ତେ ଆମ୍ଭେମାନେ ପରିତ୍ରାଣ ପାଇଅଛୁ ବୋଲି ଆମ୍ଭେମାନେ ସବୁବେଳେ ମନେ ରଖିବା ଉଚିତ ।

ଦ୍ୱିତୀୟରେ ଦରିଦ୍ରମାନଙ୍କୁ ସାହାଯ୍ୟ କରିବା ମଣ୍ଡଳୀର କାର୍ଯ୍ୟ । ଯୀଶୁଖ୍ରୀଷ୍ଟ ଏହି ଜଗତରେ ଥିଲାବେଳେ ଦୁଃଖି ଓ ଦରିଦ୍ରମାନଙ୍କୁ ସାହାଯ୍ୟ କରୁଥିଲେ । ଦୁଃଖୀ, ଦରିଦ୍ରମାନଙ୍କୁ ସାହାଯ୍ୟ କରିବା ଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟଙ୍କର ହୋଇ ପାରିବା (ରୋମୀ ୮:୯) ।

ପ୍ରକୃତରେ ସାହାଯ୍ୟ ଆବଶ୍ୟକକାରୀମାନେ ଯେପରି ସାହାଯ୍ୟ ପାଇ ପାରନ୍ତି, ସେଥିପାଇଁ ମଣ୍ଡଳୀ ମନଯୋଗ କରିବା ଉଚିତ (୧ମ ତୀମଥି ୫) । ତାହା ନ ହେଲେ ପ୍ରକୃତରେ ସାହାଯ୍ୟ ଆବଶ୍ୟକ, ବ୍ୟକ୍ତିମାନେ ସାହାଯ୍ୟ ନ ପାଇ, ଅନ୍ୟମାନେ ମଣ୍ଡଳୀ ଲାଭ ପାଇବେ ।

ମଣ୍ଡଳୀ ଶକ୍ତିନୁସାରେ ସାହାଯ୍ୟ କରିପାରେ । ଅନାହାର, ବସ୍ତ୍ରହୀନ, ଆଶ୍ରୟବିହୀନ ଲୋକମାନଙ୍କୁ ସାହାଯ୍ୟ କରିବା ମଣ୍ଡଳୀର କର୍ତ୍ତବ୍ୟ । ଯେପରି ଯାକୁବ ପହନ୍ତି, "ଅନାଥ ଓ ବିଧବାମାନଙ୍କୁ ସେମାନଙ୍କର ଦୁଃଖାବସ୍ଥାରେ ସଙ୍ଖାଳିବା ପୁଣି ସଂସାରରୁ ଆପଣାକୁ ନିଷ୍କଳଙ୍କ ରୂପେ ରକ୍ଷା କରିବା, ଏହା ଆମ୍ଭମାନଙ୍କ ଈଶ୍ୱର ଓ ପିତାଙ୍କ ଛାମୁରେ ବିଶୁଦ୍ଧ ଓ ନିର୍ମଳ ଧର୍ମପରାୟଣ ଅଟେ ।" (ଯାକୁବ ୧:୨୭)

"କିନ୍ତୁ ଯଦି କେହି ଆପଣା ଆତ୍ମୀୟ ବିଶେଷରେ ଆପଣା ପରିବାରର ତତ୍ତ୍ୱ ନ ନିଏ, ସେ ବିଶ୍ୱାସମତ ଅସ୍ୱୀକାର କରିଅଛି, ଆଉ ସେ ଅବିଶ୍ୱାସୀଠାରୁ ଅଧମ ଅଟେ" (୧ମ ତୀମଥି ୫:୯) । କୌଣସି ବ୍ୟକ୍ତି ଦୁଃଖ କଷ୍ଟରେ ଥିଲେ, ତାହାର ଆବଶ୍ୟକତା ମଣ୍ଡଳୀ ପୂରଣ କରିବା ଉଚିତ । ଦୁଃଖ କଷ୍ଟରେ ପିଡ଼ୀତ ବ୍ୟକ୍ତି, ଆତ୍ମୀକଭାବେ ବୃଦ୍ଧି ପାଇବା, କଷ୍ଟକର ବୋଲି ଆମେ ଜାଣିଅଛୁ । ତେଣୁକରି, ସେହିପରି ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିବାର ଭାର ଈଶ୍ୱର ମଣ୍ଡଳୀ ଉପରେ ରଖି ଅଛନ୍ତି ।

କୌଣସି ମନୁଷ୍ୟ ବିନଷ୍ଟ ନ ହୋଇ ପରିତ୍ରାଣ ପାଇପାରେ ଏହା ଈଶ୍ୱରଙ୍କ ଇଚ୍ଛା । ସୁସମାଚାର ଶ୍ରବଣ କରି, ତାହାର ଆଜ୍ଞାବହ ହେବା ଦ୍ୱାରା ଆମ୍ଭେମାନେ ପରିତ୍ରାଣ ପାଇପାରିବା ବୋଲି ମଣ୍ଡଳୀ ଘୋଷଣା କରେ ଓ ଦୁଃଖୀମାନଙ୍କୁ ସାହାଯ୍ୟ କରି, ଆମ୍ଭେମାନେ ଈଶ୍ୱରଙ୍କ ରାଜ୍ୟରେ ଆଗେଇ ଯିବା ।

***- J.C. Choate***

❋❋❋

# ନମ୍ରତା ଠାରୁ ପବିତ୍ରତା
## (Holiness from Humility)

ପବିତ୍ରତା...ନମ୍ରତା... । ପବିତ୍ରତା ପରମେଶ୍ୱରଙ୍କ ଠାରୁ ଆସେ ଓ ନମ୍ରତା ଆପଣା ହୃଦୟରୁ । ଉଭୟର ଆବଶ୍ୟକତା ଆମ୍ଭେମାନଙ୍କ ଜୀବନରେ ରହିଅଛି । ଏହଦ୍‌ବ୍ୟତୀତ ଆମ୍ଭେମାନେ ଆମ୍ଭମାନଙ୍କ ତ୍ରାଣକର୍ତ୍ତାଙ୍କ ସଦୃଶ୍ୟରେ ପରିବର୍ତ୍ତିତ ହୋଇ ପାରିବୁ ନାହିଁ । କିଅବା ପିତାଙ୍କ ନିକଟକୁ ଯାଇ ପାରିବା ନାହିଁ ।

ଯୀଶୁ କହିଲେ, ଯେ କେହି ଏହି ସାନ ପିଲାପରି ଆପଣାକୁ ନମ୍ର କରେ, ସେ ସ୍ୱର୍ଗରାଜ୍ୟରେ ଶ୍ରେଷ୍ଠ । ଆଉ, ଯେ କେହି ମୋ ନାମରେ ଏହି ପରି ଗୋଟିଏ ସାନପିଲାକୁ ଗ୍ରହଣ କରେ ସେ ମୋତେ ଗ୍ରହଣ କରେ । (ମାଥିଉ ୧୮:୩,୪) । ଏବ୍ରୀ ପୁସ୍ତକ କର୍ତ୍ତା

ଲେଖନ୍ତି, "ସମସ୍ତଙ୍କ ସହିତ ଶାନ୍ତିରେ ରହିବାକୁ ଚେଷ୍ଟାକର, ପୁଣି ଯେଉଁ ପବିତ୍ରତା ବିନୁ ପ୍ରଭୁଙ୍କ ଦର୍ଶନ ପାଇବ ନାହିଁ । ସେଥିର ଅନୁସରଣ କର ।" (ଏବ୍ରୀ ୧୨:୧୪) । ନମ୍ରତା ଓ ପବିତ୍ର ଦ୍ୱୟର ପ୍ରାଧାନ୍ୟତା ରହିଅଛି । କୌଣସି ଏକ ବିନୁ ଆମ୍ଭେମାନେ ପାପର ପ୍ରତିଫଳ ଠାରୁ ରକ୍ଷା ପାଇପାରିବା ନାହିଁ ।

୧) ନମ୍ରତା ଯୋଗୁଁ ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରୁ, ଯାହା ଆମ୍ଭମାନଙ୍କ ଆତ୍ମାର ପରିତ୍ରାଣ ଦାୟକ । (ରୋମୀୟ ୧୦:୧୭) ।

୨) ନମ୍ରତା ଦ୍ୱାରା ଆମ୍ଭମାନେ ଯାହା ଶୁଣୁଅଛୁ, ତାହା ସତ୍ୟ ବୋଲି ବିଶ୍ୱାସ କରିଥାଉଁ । ମାର୍କ ୧୬:୧୬ ଓ ଯିହିଜିକଲ ୧୧:୬) ।

୩) ନମ୍ରତା ଦ୍ୱାରା ଆମ୍ଭେମାନେ ଆମ୍ଭମାନଙ୍କ ପାପରୁ ମନ ପରିବର୍ତ୍ତନ କରୁ । ପିତାଙ୍କ ନିକଟକୁ ଯିବା ନିମନ୍ତେ ଆପଣାକୁ ଜାଗତିକ ଜୀବନରୁ ପୃଥକ୍ କରୁ । (ଲୂକ ୧୩:୩ ଓ ପ୍ରେରିତ ୧୭:୩୦) ।

୪) ନମ୍ର ହୃଦୟ ପ୍ରଭୁମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରନ୍ତି । ତାହାଙ୍କଠାରେ ଆମ୍ଭେମାନେ ବିଶ୍ୱାସ ସ୍ୱୀକାର ବିନୁ, ପରିତ୍ରାଣ ପାଇ ପାରିବା ନାହିଁ । (ରୋମୀୟ ୧୦:୯) ।

୫) ନମ୍ରତା ଦ୍ୱାରା ଆମ୍ଭେମାନେ ବାପ୍ତିସ୍ମର ପ୍ରକୃତ ଅର୍ଥ ବୁଝି, ପାପକ୍ଷମା ନିମନ୍ତେ ବାପ୍ତିସ୍ମ ଗ୍ରହଣ କରୁ । (ପ୍ରେରିତ ୨:୩୮, ୧ମ ପିତର ୩:୨୧ ଓ ରୋମୀୟ ୬:୩,୪) ।

୬) ନମ୍ରତା ଦ୍ୱାରା ଆମ୍ଭେମାନେ ବିଶ୍ୱାସରେ ଦିନ ଦିନକୁ ବୃଦ୍ଧିପାଉ । (୧ମ ପିତର ୨:୧୧,୧୨) ।

୭) ନମ୍ରତା ବିନୁ ଆମ୍ଭେମାନେ ପରିତ୍ରାଣ ପାଇ ପାରିବା ନାହିଁ । ନମ୍ରତା ଦ୍ୱାରା ଆମ୍ଭେମାନେ ପରମେଶ୍ୱରଙ୍କ ପରିତ୍ରାଣର ଯୋଜନାରେ ପ୍ରତ୍ୟେକ ପାହାଚ ଚଢ଼ି ପାରୁ ।

ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ଆମ୍ଭମାନଙ୍କୁ ଅନେକ ବିଷୟର ଆବଶ୍ୟକତା ଅଛି । ବାପ୍ତିସ୍ମର ପ୍ରାଧାନ୍ୟତା ବିଷୟରେ ଅନେକେ କାହିଁକି ସନ୍ଦେହ କରିଥାନ୍ତି ? ପ୍ରକୃତ ମନ ପରିବର୍ତ୍ତନ ବିଷୟରେ କାହିଁକି ଲୋକେ ବିବାଦ କରନ୍ତି ? କାହିଁକି ଲୋକେ ନମ୍ରତାର ପ୍ରତିଫଳ ବିଷୟରେ ମନେ ରଖନ୍ତି ନାହିଁ । ନମ୍ରତା ଅର୍ଥ ଆମ୍ଭେମାନେ ଗୌରବାନ୍ୱିତ ନ ହୋଇ ପରମେଶ୍ୱରଙ୍କୁ ଗୌରବ ଦେବା । ଆମ୍ଭେମାନେ ଆପଣା ଦ୍ୱାରା ସୃଷ୍ଟି ହୋଇ ନାହୁଁ, କିଅବା ଆପଣାକୁ ଆଗେ ରକ୍ଷା କରିପାରିବୁ ନାହିଁ ବୋଲି ଜ୍ଞାତ

ହେଲେ, ପରିତ୍ରାଣ ପାଇବାକୁ ଆମ୍ଭମାନଙ୍କୁ କଅଣ କରିବାକୁ ହେବ ଜାଣି ପାରିବା ।

ପରମେଶ୍ୱର କେବଳ ଆମ୍ଭମାନଙ୍କୁ ଶୁଦ୍ଧ କରି ପାରିବେ । ଶୁଦ୍ଧ ହୋଇ ତାହାଙ୍କ ନିକଟରୁ ଆମ୍ଭେମାନେ ପବିତ୍ର ପ୍ରାପ୍ତ ହୋଇ ପାରିବା । ଏପରି ଶୁଦ୍ଧ ଓ ପବିତ୍ର ହୃଦୟର ପ୍ରାର୍ଥନା ସଦାପ୍ରଭୁଙ୍କ ଗ୍ରାହ୍ୟ ଯୋଗ୍ୟ । ନମ୍ରତା ଶିକ୍ଷାକରି, ନମ୍ରଭାବେ ଜୀବନଯାପନ ନକଲେ ଆମ୍ଭେମାନେ ପରମେଶ୍ୱରଙ୍କ ଠାରୁ 'ପବିତ୍ରତା' ପାଇପାରିବା ନାହିଁ । ଖ୍ରୀଷ୍ଟଙ୍କ କ୍ରୁଶ ଉପରେ ଦୃଷ୍ଟି ରଖି ଆପଣା କ୍ରୁଶବହନ କରି ଜୀବନଯାପନ କଲେ, 'ପବିତ୍ରତା' ଅସାଧ୍ୟ ନୁହେଁ । (ଲୁକ-୯:୨୩) ।

୧) ପବିତ୍ରତା–ଭୂଗର୍ଭରେ ସ୍ଥିତ ବହୁମୂଲ୍ୟ ମୁକ୍ତା ସଦୃଶ୍ୟ ପବିତ୍ରତା ବହୁମୂଲ୍ୟ ଅଟେ ।

୨) ନମ୍ରଭାବେ ପରମେଶ୍ୱର ବାକ୍ୟ ନିରୀକ୍ଷଣ କରି, ତାହା ଆଜ୍ଞାକାରୀ ପ୍ରତ୍ୟେକଙ୍କୁ ପରମେଶ୍ୱର ସେହି ବହୁମୂଲ୍ୟ 'ପବିତ୍ରତା' ଦାନ କରନ୍ତି ।

୩) ସଦାପ୍ରଭୁ ପବିତ୍ର ଅଟନ୍ତି । ତାହାଙ୍କ ପବିତ୍ରତା ସେ ପବିତ୍ର ଆତ୍ମାଙ୍କ ଦ୍ୱାରା ଆମ୍ଭମାନଙ୍କୁ ପ୍ରଦାନ କରନ୍ତି । (ପ୍ରେରିତ ୨:୩୮,୩୯) । ଏତଦ୍ୱାରା ଆମ୍ଭେମାନେ ପାପମୟ ଜୀବନରୁ ପବିତ୍ରାକୃତ ହେଉ ।

୪) ସଦାପ୍ରଭୁଙ୍କ ଆଜ୍ଞା ସକଳ ଆମ୍ଭେମାନେ ନମ୍ର ସହକାରେ ଅବଲମ୍ବନ କଲେ, ସେ ଆମ୍ଭେମାନଙ୍କ ପବିତ୍ର କରି ସ୍ୱର୍ଗକୁ ଯିବା ନିମନ୍ତେ ଯୋଗ୍ୟ କରିବେ ।

୫) ପବିତ୍ରତା–ଆମ୍ଭମାନଙ୍କ ଦୈନିକ ଜୀବନ ନିମନ୍ତେ ଆବଶ୍ୟକୀୟ ସ୍ଥିତି, ଯାହା ଆମ୍ଭେମାନେ ପରମେଶ୍ୱରଙ୍କ ଠାରୁ ପ୍ରାପ୍ତ ହେଉ ।

"ଏହି ସମସ୍ତ ବିଷୟରେ ସେମାନେ ଯେ ଆପଣା ଆପଣାର ସେବା ନକରି ତୁମ୍ଭମାନଙ୍କର ସେବା କରୁଥିଲେ, ଏହା ସେମାନଙ୍କ ନିକଟରେ ପ୍ରକାଶିତ ହୋଇଥିଲେ । ଆଉ ସେହି ସମସ୍ତ ବିଷୟ ସ୍ୱର୍ଗକୁ ପ୍ରେରିତ ପବିତ୍ର ଆତ୍ମାଙ୍କ ଶକ୍ତିରେ ତୁମ୍ଭମାନଙ୍କ ନିକଟରେ ସୁସମାଚାର ପ୍ରଚାରକମାନଙ୍କ ଦ୍ୱାରା ଏବେ ତୁମ୍ଭମାନଙ୍କୁ ଜଣାଇ ଦିଆଯାଇଅଛି । ସେହି ସବୁ ବିଷୟ ଦୂତମାନେ ନିରୀକ୍ଷଣ କରିବାକୁ ଇଚ୍ଛା କରନ୍ତି । ଅତଏବ ଆପଣା ଆପଣା ମନ ରୂପ କଟି ବନ୍ଧନ କରି ସଚେତନ ଥାଅ । ପୁଣି ଯୀଶୁ ଖ୍ରୀଷ୍ଟଙ୍କ ପ୍ରକାଶିତ ହେବା ସମୟରେ ଯେଉଁ ଅନୁଗ୍ରହ ତୁମ୍ଭମାନଙ୍କ ପ୍ରତି ବର୍ତ୍ତିବ, ସେଥିରେ ଯେଉଁ ସଂପୂର୍ଣ୍ଣ ରୂପେ ଭରସା ରଖ । ତୁମ୍ଭମାନଙ୍କ ପୂର୍ବ ଅଜ୍ଞାନତା ସମୟର କୁଅଭିଳାଷର ଅନୁରୂପୀ ହୁଅ ନାହିଁ । ଲେଖା ଅଛି ଯେ, ତୁମ୍ଭେମାନେ ମଧ୍ୟ ଆଜ୍ଞାବହ ସନ୍ତାନମାନଙ୍କ ପରି ସମସ୍ତ ଆଚରଣରେ ସେହିପରି ପବିତ୍ର ହୁଅ । ଯେଣୁ

ଲେଖା ଅଛି ତୁମ୍ଭେମାନେ ପବିତ୍ର ହୁଅ, କାରଣ ଆମ୍ଭେ ପବିତ୍ର । ଆଉ ଯେ ମୁଖାପେକ୍ଷା ନକରି ପ୍ରତ୍ୟେକ ଲୋକର କର୍ମାନୁସାରେ ବିଚାର କରନ୍ତି, ଯଦି ପିତା ବୋଲି ସମ୍ବୋଧନ କରୁଅଛ, ତେବେ ଆପଣା ଆପଣାର ପ୍ରବାସକାଳ ଭୟରେ କ୍ଷେପଣ କର । ଯେଣୁ ତୁମ୍ଭେମାନେ ଜାଣ ଯେ, ତୁମ୍ଭମାନଙ୍କ ପିତୃପୁରୁଷମାନଙ୍କ ଠାରୁ ପ୍ରାପ୍ତ ପରମ୍ପରାଗତ ନିରର୍ଥକ ଆମ୍ଭର ବ୍ୟବହାରରୁ ରୂପା କି ସୁନା ପରି ଘରଣୀୟ ବସ୍ତୁ ଦ୍ୱାରା ମୁକ୍ତ ନହୋଇ ବରଂ ନିଖୁନ୍ତ ଓ ନିଷ୍କଳଙ୍କ ମେଷପାଳକଙ୍କ ସଦୃଶ୍ୟ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ରକ୍ତରେ ମୁକ୍ତ ହୋଇଅଛି । ସେ ଜଗତ ପତନ ପୂର୍ବରୁ ନିରୁପିତ ହୋଇ ତୁମ୍ଭମାନଙ୍କ ନିମନ୍ତେ ଶେଷକାଳରେ ପ୍ରକାଶିତ ହୋଇଅଛନ୍ତି ।" (୧ମ ପିତର ୧:୧୨-୨୦) ।

ଏହି ବାକ୍ୟ ଗୁଡିକ ଆମ୍ଭେମାନେ ଯେପରି ଆପଣାକୁ ପରୀକ୍ଷା କରୁ, ଏଥିନିମନ୍ତେ ଲିଖିତ ହୋଇଅଛି । ଆମ୍ଭମାନଙ୍କ ଜୀବନରେ ନମ୍ରତା ଓ ପବିତ୍ରତାକୁ ସ୍ଥାନ ଦେଇଅଛୁ କି ? ଆମ୍ଭମାନଙ୍କ ପରିବାର, ଆମ୍ଭମାନଙ୍କ ବନ୍ଧୁମିତ୍ରଙ୍କ ସହ କଥାବାର୍ତ୍ତା କରିବା ସମୟରେ ତାହା କି ପ୍ରସ୍ଫୁଟିତ ହେଉଅଛି ? ଆମ୍ଭମାନଙ୍କ ପୋଷାକ ଭୂଷଣରେ ନମ୍ରତା ଓ ପବିତ୍ରତା ଦେଖାଯାଉଅଛି କି ? ଆମ୍ଭମାନଙ୍କ ଜୀବନରେ ନମ୍ରତା ଓ ପବିତ୍ରତାର ଅଭାବ ଦେଖାଗଲେ, ଆସ ଆମ୍ଭେମାନେ ସାନ ସାନ ପିଲାମାନଙ୍କ ଠାରୁ ଶିକ୍ଷା କରୁ । ସେମାନେ ନମ୍ର ଓ ପବିତ୍ର । ତେଣୁକରି ଖ୍ରୀଷ୍ଟ, ସ୍ୱର୍ଗରାଜ୍ୟ ଏପରି ଲୋକମାନଙ୍କର ବୋଲି କହିଅଛନ୍ତି ।

ବାଲ୍ୟଜୀବନରେ କୋମଳତା ଆମ୍ଭମାନେ ହରାଇ ଅଛୁ । ଯୁବ ସମାଜର ମୁଖଦର୍ପଣରେ ପବିତ୍ରତାର ସୌନ୍ଦର୍ଯ୍ୟ ଦେଖାଯାଉନାହିଁ । ଶୁଭ ସମାଚାର ଏହି କି ଯେ, ସଦାପ୍ରଭୁ ସେହି ସୌନ୍ଦର୍ଯ୍ୟ, ଆମ୍ଭମାନଙ୍କ ଫେରାଇ ଦେବାକୁ ଚାହାନ୍ତି । ଆମ୍ଭମାନଙ୍କ ଆତ୍ମାର ନମ୍ରତା ଦ୍ୱାରା, ତାହା ଆମ୍ଭମାନେ ପାଇପାରିବା ।

***– Jeft Wealand***

❋❋❋

# ଖ୍ରୀଷ୍ଟୀୟ ପରିବାର ଗଠନ
## (Building Christian Home)

ପରିବାର, ପରମେଶ୍ୱରଙ୍କ ଦ୍ୱାର ସ୍ଥାପିତ ଏକ ଦୈବିକ ସଂସ୍ଥା । (ଆଦି ୨:୮-୨୫) । ପରିବାରର ଜୀବନ ଭଗ୍ନ ହୋବାରେ ସମାଜ ପତନ ହୁଏ । ଆଜିର ସମାଜ ଉପରେ ଦୁର୍ବଳ ଭଗ୍ନ ଅସ୍ଥିର ପାରିବାରିକ ଜୀବନର ପ୍ରଭାବ ପଡିଅଛି ।

ଆଦ୍ୟରୁ ପରମେଶ୍ୱର ଏକ ପୁରୁଷ ନିମନ୍ତେ ଏକସ୍ତ୍ରୀ ଆଜୀବନ ସାଥିରୂପେ ନିରୂପଣ କରିଅଛନ୍ତି । "ସ୍ୱାମୀ ଯେ ପର୍ଯ୍ୟନ୍ତ ଜୀବିତ ଥାଏ, ସେ ପର୍ଯ୍ୟନ୍ତ ସ୍ତ୍ରୀ ସ୍ୱାମୀ ସହିତ ବ୍ୟବସ୍ଥା ଦ୍ୱାରା ଆବଦ୍ଧ ଥାଏ । କିନ୍ତୁ ସ୍ୱାମୀ ମରିଗଲେ ସ୍ତ୍ରୀ ସ୍ୱାମୀର ବ୍ୟବସ୍ଥାରୁ ମୁକ୍ତ ହୁଏ ।"(ରୋମୀୟ ୭:୨) । ପିତା ପରମେଶ୍ୱର ଓ ପୁତ୍ର ଯୀଶୁଖ୍ରୀଷ୍ଟ ପାରିବାରିକ ଜୀବନକୁ ପ୍ରାଧାନ୍ୟତା ଦିଅନ୍ତି । "ଏଣୁ ସେମାନେ ଆଉ ଦୁଇ ନୁହନ୍ତି କିନ୍ତୁ ଏକାଙ୍ଗ ଅଟନ୍ତି । ଅତଏବ ଈଶ୍ୱର ଯାହା ସଂଯୁକ୍ତ କରି ଅଛନ୍ତି, ମନୁଷ୍ୟ ତାହା ବିଭିନ୍ନ ନକରୁ ।" (୧୯:୬) ।

ପାରିବାରିକ ବନ୍ଧନରେ ମନୁଷ୍ୟ ପ୍ରେମ, ଅନୁରାଗ ପ୍ରାପ୍ତ ହୁଏ । ନିଃସଂଗତା ଦୂର ହୁଏ । ପୁରୁଷ ଓ ସ୍ତ୍ରୀର ଶାରୀରୀକ ଅଭିଳାଷ ପୂର୍ଣ୍ଣ ହୁଏ । (୧ମ କରିନ୍ଥୀ ୭:୨,୫) । ପିତା ଓ ମାତା ପରିବାର ମନଷ୍ୟ ଏହି ଜଗତରେ ପ୍ରବେଶ କରେ । ଆଜିର ସମାଜକ. ପରିବାର ଶୟତାନ ଆକ୍ରମଣ କରୁଅଛି । ଏହି ଆକ୍ରମଣରୁ ଆମ୍ଭମାନଙ୍କ ପରିବାରକୁ ଆମ୍ଭେମାନେ ରକ୍ଷା କରୁ ।

ଖ୍ରୀଷ୍ଟୀୟ ପାରିବାରିକକୁ ଜୀବନ 'ସମର୍ପଣତା' ଉପରେ ନିର୍ଭର କରେ । ପୁରୁଷ ଓ ସ୍ତ୍ରୀ ଉଭୟେ ପରମେଶ୍ୱରଙ୍କ ନିକଟରେ ଆପଣାକୁ ମର୍ପଣ କରିବା ଆବଶ୍ୟକ । (୧ମ କରିନ୍ଥୀ ୧୫:୧,୪) । ଦ୍ୱିତୀୟରେ ପାରିବାରିକ ଜୀବନର ସୁଖ ନିମନ୍ତେ ପୁରୁଷ ଓ ସ୍ତ୍ରୀ ପରସ୍ପରକୁ ସମର୍ପଣ କରିବା ଆବଶ୍ୟତା । ଅସ୍ୱାର୍ଥପର ଭାବେ ଆପଣା ସମୟ, ବଳ, ସମ୍ପତ୍ତି ବ୍ୟୟ କରି ସୁଖୀ ପରିବାର ଗଢ଼ିବାକୁ ହୁଏ । ସ୍ୱାର୍ଥପରତା ଓ ସମର୍ପଣତା ଦୁଇ ବିପରିତ ଗୁଣ । ସ୍ୱାର୍ଥପର ବ୍ୟକ୍ତିମାନେ ସମର୍ପିତ ଜୀବନ ଯାପନ କରିବା କଷ୍ଟକର । ଖ୍ରୀଷ୍ଟିୟାନ ପରିବାର ପରମେଶ୍ୱରଙ୍କ ପରିଚର୍ଯ୍ୟାରେ ଅବହେଳା କରନ୍ତି ନାହିଁ । ମଣ୍ଡଳୀ ଉପସନାରେ ସଦା ଉପସ୍ଥିତ ପରିବାର ପରମେଶ୍ୱରଙ୍କ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ପରିବାର । " ଆଉ କେହି କେହି ଯେପରି ଆମ୍ଭମାନଙ୍କ ମଣ୍ଡଳୀ ଉପସନା ପରିତ୍ୟାଗ ଉତ୍ସାହ ଦେଉ, ଆମ୍ଭେମାନେ ସେପରି ନ କରୁ, ବରଂ ପରସ୍ପରକୁ ଉତ୍ସାହ ଦେଉ । ବିଶେଷତଃ

ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇ ଆସୁଅଛ ବୋଲି ଦେଖୁଅଛ ।" (ଏବ୍ରୀ ୧୦:୨୫) । ଏକ ସପ୍ତାହ ଉପସନା ଅନୁପସ୍ଥିତି ସୁଦ୍ଧା ଆପଣା ସନ୍ତାନସନ୍ତତିମାନଙ୍କ ହୃଦୟରେ ପ୍ରଭାବ ପକାଏ । ପ୍ରାର୍ଥନା ଓ ବାକ୍ୟଧ୍ୟାନ ଖ୍ରୀଷ୍ଟୀୟ ପରିବାର ଗଠନରେ ପ୍ରାଧାନ୍ୟତା ନେଇଛି । ଖ୍ରୀଷ୍ଟୀୟ ପରିବାର ଗୁଡିକ ଈଶ୍ୱର–(୧) ଅନନ୍ତ (ଗୀତ ୯୦:୨), (୨) ସର୍ବଶକ୍ତିମାନ (ଆଦି ୧:୩), (୩) ଉତ୍ତମ (ଯାକୁବ ୧:୧୭), (୪) ପବିତ୍ର (୧ମ ପିତର ୧:୧୬), (୫) ସର୍ବବ୍ୟାପୀ ବୋଲି ଦୃଢ଼ ବିଶ୍ୱାସ କରିବା ଆବଶ୍ୟକତା । ଯେଉଁ ଅନନ୍ତ ଈଶ୍ୱର ପରିବାରରୂପ ଅନୁଷ୍ଠାନ ଗଠନ କରିଅଛନ୍ତି । ତାହାଙ୍କ ପରିଚର୍ଯ୍ୟା ବିନୁ କୌଣସି ପରିବାର ସୁଖ, ସନ୍ତୋଷ ଓ ସଫଳତା ଲାଭ କରିପାରେ ନାହିଁ ।

ଖ୍ରୀଷ୍ଟୀୟ ପରିବାରରେ ଏକକୁ ଆରେକ ଉତ୍ସାହ ଦେଉ ପ୍ରଶଂସା କରୁ । ଅନ୍ୟ ଦ୍ୱାରା ପ୍ରଶଂସିତ ହେବାକୁ ମନୁଷ୍ୟର ମନ ସବୁବେଳେ ବ୍ୟାକୁଳ ହୁଏ । ଏହି ଆଶାରୁ କେହି ବିଚ୍ୟୁତ ନୁହନ୍ତି । ଆମ୍ଭେମାନେ ପରିବାର ଅନ୍ୟ ସଦସ୍ୟମାନଙ୍କୁ ଉତ୍ସାହିତ କରୁ ଓ ପ୍ରଶଂସା କରୁ । "ଅତଏବ ଲୋକମାନେ ତୁମ୍ଭମାନଙ୍କ ପ୍ରତି ଯାହାସବୁ କରନ୍ତୁ ବୋଲି ଇଚ୍ଛା କର, ତୁମ୍ଭେମାନେ ମଧ୍ୟ ସେମାନଙ୍କପ୍ରତି ସେହି ସବୁ କର, କାରଣ ଏହାହିଁ ବ୍ୟବସ୍ଥା ଓ ଭାବବାଦୀମାନଙ୍କ ଧର୍ମଶାସ୍ତ୍ରର ସାର ।" (ମାଥିଉ ୭:୧୨) । ଏହା ହିଁ ସୁଖୀ ପରିବାର ସ୍ୱର୍ଣ୍ଣସୂତ୍ର ।

'ଦୟାଳୁତ୍ୱ' ଉପରେ ସୁଖ ଖ୍ରୀଷ୍ଟିୟାନ ପାରିବାରିକ ଜୀବନ ନିର୍ଭର କରେ । ପ୍ରେରିତ ପାଉଲ କହନ୍ତି, ଆଉ ପରସ୍ପର ସଦୟ ହୁଏ, କୋମଳହୃଦୟ ହୁଅ, ପୁଣି ଈଶ୍ୱର ଖ୍ରୀଷ୍ଟଙ୍କ ଠାରେ ତୁମ୍ଭମାନଙ୍କୁ ଯେପରି କ୍ଷମା କଲେ, ସେହିପରି ପରସ୍ପରକୁ କ୍ଷମା କର (ଏଫିସୀ ୪:୩୨) । ନମ୍ର, ଭଦ୍ର, କୋମଳ ବ୍ୟବହାର ସୁଦୃଢ଼ ପରିବାର ଗଢ଼େ । "ହେ, ସ୍ୱାମୀମାନେ, ଆପଣା ଆପଣା ଭାର୍ଯ୍ୟାମାନଙ୍କୁ ପ୍ରେମକର, ସେମାନଙ୍କ ପ୍ରତି କଟୁ ବ୍ୟବହାର କର ନାହିଁ । (କଲସୀ ୩:୧୯) ।"

ଖ୍ରୀଷ୍ଟିୟାନ ପରିବାର ଗୁଡିକରେ ୧-ସ୍ନେହ, ୨-ଏକ ଆରେକ ପ୍ରତି ସହନତା, ୩-ପ୍ରେମ, ୪-ଏକତ୍ର ସମୟ ଜିତାଇ, ୫-ସମର୍ପଣତା, ୬-କୋମଳତା, ୭-ପରସ୍ପର, ଉତ୍ସାହିତ କରିବା, ୮-ସାହାଯ୍ୟ, କରିବା ପ୍ରଭୃତି ସୁଗୁଣ ଥିଲେ । ସେ ଗୃହ କେବେ ଭଗ୍ନ ହେବ ନାହିଁ । ଏପରି ଆଶୀର୍ବାଦ ପ୍ରାପ୍ତ ପରିବାର ନିମନ୍ତେ ପ୍ରତ୍ୟେକ ଲାଳାୟିତ ।

❋❋❋

# "... ତୁମ୍ଭେ କି ମୋତେ ଏମାନଙ୍କ ଠାରୁ ଅଧିକ ପ୍ରେମ କରୁଅଛୁ ..."

## (Do we love the Lord ... ...)

"ସେମାନେ ଭୋଜନ କଲା ଉତ୍ତାରେ ଯୀଶୁ ଶିମୋନ ପିତରଙ୍କୁ ପଚାରିଲେ, ଏହି ଯୋହନଙ୍କ ପୁତ୍ର ଶିମୋନ ତୁମ୍ଭେ କଅଣ ମୋତେ ଏମାନଙ୍କ ଠାରୁ ଅଧିକ ପ୍ରେମ କରୁଅଛ ? ସେ ତାହାଙ୍କୁ କହିଲେ ହଁ, ପ୍ରଭୁ ମୁଁ ଯେ ଆପଣାଙ୍କୁ ସ୍ନେହ କରୁଅଛି, ତାହା ଆପଣ ଜାଣନ୍ତି । ସେ ତାଙ୍କୁ କହିଲେ ମୋହର ମେଷଶାବକମାନଙ୍କୁ ଚରାଅ ।" (ଯୋହନ ୨୧:୧୫) ।

**ବନ୍ଧୁବାନ୍ଧବ ମାନଙ୍କଠାରୁ ଅଧିକ ଭାବେ କି ପ୍ରଭୁଙ୍କୁ ପ୍ରେମ କରୁଅଛୁ ?**

ବନ୍ଧୁବାନ୍ଧବମାନଙ୍କ ପ୍ରେମ ବନ୍ଧନ କି, ଆପଣଙ୍କୁ ଯୀଶୁଖ୍ରୀଷ୍ଟଙ୍କ ଆଜ୍ଞାବହ ହେବାଠାରୁ ଅଟକାଇ ଅଛି ? ସେମାନେ ଅବଲମ୍ବଲନ କରୁଥିବା ଭ୍ରାନ୍ତ ଧର୍ମନୀତ ଖ୍ରୀଷ୍ଟଙ୍କ ନିମନ୍ତେ ଆପଣ କି ପରିତ୍ୟାଗ କରିବାକୁ ଇଚ୍ଛୁକ ଅଟନ୍ତି ? ଯେ ପିତା କି ମାତାକୁ ମୋ'ଠାରୁ ଅଧିକ ପ୍ରିୟ ଜ୍ଞାନକରେ, ସେ ମୋହର ଯୋଗ୍ୟ ନୁହେଁ, ପୁଣି ଯେ ପୁତ୍ର କି କନ୍ୟାକୁ ମା'ଠାରୁ ଅଧିକ ସ୍ନେହ କରେ, ସେ ମୋହର ଯୋଗ୍ୟ ନୁହେଁ । (ମାଥିଉ ୧୦:୩୭) । ଯୀଶୁଙ୍କ ଏହି ବାକ୍ୟ ସର୍ବଦା ମନେ ରଖୁଁ ।

**ଧନ ସମ୍ପଦ ଠାରୁ ଅଧିକ ଭାବେ ପ୍ରଭୁଙ୍କୁ ପ୍ରେମ କରୁଅଛୁ ?**

ଯଦି ଆମ୍ଭେମାନେ ଧନ ସମ୍ପଦ ଠାରୁ ଅଧିକ ଭାବେ ପ୍ରଭୁଙ୍କୁ ପ୍ରେମ କରୁଅଛୁ, ତେବେ ତାହାଙ୍କ ସେବା ପରିଚର୍ଯ୍ୟା ନିମନ୍ତେ ସ୍ୱଚ୍ଛନ୍ଦରେ ଚାନ୍ଦା ଦେଇ ପାରିବା । ହୃଷ୍ଟଚିତ୍ତ ଦାତାଙ୍କୁ ପରମେଶ୍ୱର ଭଲ ପାଆନ୍ତି । "ଧନ ଲୋଭ ସମସ୍ତ ଅନିଷ୍ଟର ମୂଳ, କେହି କେହି ସେଥିରେ ଆସକ୍ତ ହୋଇ ବିଶ୍ୱାସ ତ୍ୟାଗ କରି ପଥଭ୍ରଷ୍ଟ ହୋଇ ଅଛନ୍ତି, ପୁଣି ବହୁ ଦୁଃଖରେ ଆପଣା ଆପଣା ହୃଦୟ ବିଦୀର୍ଣ୍ଣ କରି ଅଛନ୍ତି ।" (୧ମ ତୀମଥି ୬:୧୦) ।

**ବିଳାସ ଠାରୁ ଅଧିକ କି ପ୍ରଭୁଙ୍କୁ ପ୍ରେମ କରୁଅଛ ?**

ଆମ୍ଭେମାନେ ବିଳାସଠାରୁ ଅଧିକଭାବେ ପ୍ରଭୁଙ୍କୁ ପ୍ରେମ କରୁଅଛୁ, ତେବେ ଆମ୍ଭଏମାନେ ନିଷେଧିତ କର୍ମ କରିବୁ ନାହିଁ । ଯେଉଁ କର୍ମଦ୍ୱାରା ପ୍ରଭୁଙ୍କ ନାମ ନିନ୍ଦିତ ହେବ, ସେହି କର୍ମଠାରୁ ଆପଣାକୁ ଦୂରରେ ରଖିବୁ । ଅନ୍ତିମକାଳରେ ମନୁଷ୍ୟମାନଙ୍କ ପରିସ୍ଥିତି ବିଷୟରେ ପ୍ରେରିତ ପାଉଲ, ଯୁବକ ତୀମଥିଙ୍କୁ କହିଥିଲେ, ଲୋକେ

"ବିଶ୍ୱାସଘାତକ, ଦୁଃସାହସୀ, ଦାମ୍ଭିକ ହେବେ ଓ ଈଶ୍ୱରପ୍ରିୟ ନ ହୋଇ ବରଂ ବିଳାସପ୍ରିୟ ହେବେ ।"(୨ ତୀମଥି ୩:୪) । ଖ୍ରୀଷ୍ଟଙ୍କ ସମୟର ନେତାମାନଙ୍କ ମଧ୍ୟରୁ ସୁଦ୍ଧା ଅନେକ ତାହାଙ୍କଠାରେ ବିଶ୍ୱାସ କଲେ, କିନ୍ତୁ କାଳେ ସେମାନେ ସମାଜଚ୍ୟୁତ ହୁଅନ୍ତି, ଏଥିପାଇଁ ଫାରୁଶୀମାନଙ୍କ ହେତୁ ତାହା ସ୍ୱୀକାର କରୁଥିଲେ । କାରଣ ସେମାନେ ଈଶ୍ୱରଙ୍କ ଠାରୁ ଗୌରବ ଅପେକ୍ଷା ବରଂ ମନୁଷ୍ୟଠାରୁ ଗୌରବ ଭଲ ପାଇଲେ । (ଯୋହନ ୧୨:୪୨,୪୩) ।

ପରମେଶ୍ୱରଙ୍କୁ ଓ ତାହାଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କୁ ଆମ୍ଭେମାନେ ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ ଓ ସମସ୍ତ ମନ ଦେଇ ପ୍ରଭୁ, ଆପଣା ଈଶ୍ୱରଙ୍କ ପ୍ରେମ କରୁ । (ମାଥିଉ ୧୨:୪୨,୪୩) । ଈଶ୍ୱରଙ୍କୁ ଆମ୍ଭମାନଙ୍କ ଜୀବନରେ ସର୍ବପ୍ରଥମ ସ୍ଥାନ ଦେଉ । ଆସ ଆମ୍ଭେମାନେ ଖ୍ରୀଷ୍ଟଙ୍କ ପ୍ରେମରେ ସ୍ଥିର ହୋଇ ରହୁ ।

***–Wendell Winkler***

*Without God our week would be :*

Sinday
Mournday
Tearsday
Wasteday
Thirstday
Fightday
& Shatterday

❋ ❋ ❋

# ଯୋଗ୍ୟ ଲୋକର ଅନୁସନ୍ଧାନ କର
## (Search out us worthy)

ଯୀଶୁଖ୍ରୀଷ୍ଟ ଆପଣା ସେବା ପରିଚର୍ଯ୍ୟା ସମୟରେ ସେ ଯେଉଁ ଯେଉଁ ନଗରକୁ ଯିବାକୁ ଉଦ୍ୟତ ଥିଲେ ସେଠାକୁ ପ୍ରଥମେ ଆପଣା ଦ୍ୱାଦଶ ଶିଷ୍ୟମାନଙ୍କୁ ପ୍ରେରିତ କରିଥିଲେ । ସେମାନଙ୍କୁ କେତୋଟି ଆଜ୍ଞା ଦେଇଥିଲେ । ଯାହା ଆମେ ପ୍ରଥମ "ସୀମିତ ଆଜ୍ଞା" ରୂପେ ଜାଣୁ । ସେମାନଙ୍କୁ ସୁସ୍ଥ କରିବା ପାଇଁ ଶକ୍ତି ଦେଇଥିଲେ, ସେ କହିଲେ, "ଆଉ ତୁମ୍ଭେମାନେ ଯେକୌଣସି ନଗରରେ କି ଗ୍ରାମରେ ପ୍ରବେଶ କରିବ, ସେଠାରେ ଯେଉଁ ଲୋକ ଯୋଗ୍ୟ ତାହା ଅନୁସନ୍ଧନ କର, ପୁଣି ପ୍ରସ୍ଥାନ ନ କରିବା ପର୍ଯ୍ୟନ୍ତ ସେଠାରେ ରୁହ । ଆଉ ଗୃହରେ ପ୍ରବେଶ କରିବା ସମୟରେ ତାହାକୁ କଲ୍ୟାଣ କର । ସେହି ଗୃହ ଯେବେ ଯୋଗ୍ୟ, ତେବେ ତାହା ପ୍ରତି ତୁମ୍ଭମାନଙ୍କ ଶାନ୍ତି କରୁ, କିନ୍ତୁ ତାହା ଯଦି ଯୋଗ୍ୟ ନୁହେଁ, ତାହାହେଲେ ତୁମ୍ଭମାନଙ୍କ ଶାନ୍ତି ତୁମ୍ଭମାନଙ୍କ ନିକଟକୁ ବାହୁଡି ଆସୁ ।" (ମାଥିଉ ୧୦:୧୧-୧୩) । 'ଯୋଗ୍ୟ'ର ଅର୍ଥ ଏଠାରେ ଯେଉଁମାନେ ଖ୍ରୀଷ୍ଟଙ୍କ ବାକ୍ୟରେ ଆସକ୍ତ ସେମାନଙ୍କ ପ୍ରତି ପ୍ରଭୁଙ୍କ କଲ୍ୟାଣ ବର୍ତ୍ତିବ ।

ଖ୍ରୀଷ୍ଟଙ୍କ ସମୟର ସଦୃଶ୍ୟ, ବର୍ତ୍ତମାନ ସୁଦ୍ଧା ମନୁଷ୍ୟମାନେ ସୁସମାଚାର ପ୍ରତି ଅନାସକ୍ତ ଭାବ ପ୍ରକାଶ କରନ୍ତି । ଯୀଶୁଙ୍କ ବାକ୍ୟର ଅନ୍ୟଭାବ ହେଲା, "ଯେଉଁମାନେ ସୁସମାଚାର ପ୍ରତି ଆସକ୍ତ ନୁହନ୍ତି । ସେମାନଙ୍କ ପାଇଁ ସମୟ ବ୍ୟର୍ଥ କର ନାହିଁ ।"

ପ୍ରେରିତ ପାଉଲ ଯୀଶୁଙ୍କ ଏହି ଉପଦେଶ ପାଳନ କରୁଥିଲେ । ସେ ପ୍ରତ୍ୟେକ ସ୍ଥଳରେ ଯିହୂଦୀ ଓ ବିଜାତିମାନଙ୍କ ମଧ୍ୟରେ ସତ୍ୟ ସୁସମାଚାର ପ୍ରଚାର କରୁଥିଲେ । ସେ ଆପଣା ଜୀବନର ସୁରକ୍ଷା ଭ୍ରୂକ୍ଷେପ ନ କରି, ହଜି ଯାଇଥିବା ଆତ୍ମାର ରକ୍ଷା ନିମନ୍ତେ ପ୍ରାଣପଣେ ଚେଷ୍ଟା କରୁଥିଲେ । କିନ୍ତୁ ଈଶ୍ୱରଙ୍କ ବାକ୍ୟ ଆଗ୍ରାହ୍ୟକାରୀ କଠିନ ହୃଦୟୀମାନଙ୍କ ଠାରୁ ଦୂରେଇ ଯାଇ ବାକ୍ୟରେ ଆସକ୍ତମାନଙ୍କ ନିକଟରେ ସୁସମାଚାର ପ୍ରଚାର କରୁଥିଲେ । (ପ୍ରେରିତ ୧୩:୪୪-୪୬) । "ସେଥିରେ ପାଉଲ ବର୍ଣ୍ଣବା ସାହସ ପୂର୍ବକ କହିଲେ, ପ୍ରଥମେ ଆପଣମାନଙ୍କ ନିକଟରେ ଈଶ୍ୱରଙ୍କ ବାକ୍ୟ କୁହାଯିବା ଆବଶ୍ୟକ ଥିଲା । ଆପଣମାନେ ତାହା ଅଗ୍ରାହ୍ୟ କରି ଆପଣା ଆପଣାକୁ ଅନନ୍ତ ଜୀବନର ଅଯୋଗ୍ୟ ବୋଲି ବିଚାର କରିଥିବାରୁ ଦେଖନ୍ତୁ, ଆମ୍ଭେମାନେ ବିଜାତିମାନଙ୍କ ନିକଟକୁ ଯାଉଅଛୁ ।"

(ପ୍ରେରିତ ୧୩:୪୬) ।

ଯେଉଁମାନେ ଖ୍ରୀଷ୍ଟଙ୍କ ସୁସମାଚାର ବିଷୟରେ କଠିନ ହୃଦୟୀ ଅଛନ୍ତି, ସେମାନଙ୍କ ନିମନ୍ତେ ସମୟ ନଷ୍ଟ ନକର, ଅସଂଖ୍ୟ ହଜି ଯାଉଥିବା ଆତ୍ମାମାନଙ୍କ ଯତ୍ନ ନେଉ । କିନ୍ତୁ କଠିନ ହୃଦୟୀମାନଙ୍କ ନିମନ୍ତେ ପରମେଶ୍ୱରଙ୍କ ନିକଟରେ ବିନୀତ କରିବାରେ ନିବୃତ ନ ହେଉ । ଏହି ଜଗତରେ କୋଟି କୋଟି ଲୋକ ସୁସମାଚାର ଶ୍ରବଣ କରିବା ନିମନ୍ତେ ବ୍ୟାକୁଳ ଅଟନ୍ତି । ସୁସମାଚାରରେ ଗ୍ରହଣ ଯୋଗ୍ୟ ଲୋକମାନଙ୍କ ଅନୁସନ୍ଧାନ କରୁଁ ।

***– Maxile B. Boren***

Watch your thoughts
they become words
Watch your words
they become your action
Watch your actions
they become habits
Watch your habbits
they become charactor
Watch your character.
it become your destiny.

❋❋❋

# ପ୍ରଚୁର ଜୀବନ
## (The Abundent life)

ନିରାଶ, ନିରୁତ୍ସାହିତ ହୋଇ ଅନେକେ ଏହି ଜାଗତିକ ଜୀବନର ଅନ୍ତ କରିବା ନିମନ୍ତେ ଆତ୍ମହତ୍ୟାରେ କରନ୍ତି । କିନ୍ତୁ ଆତ୍ମହତ୍ୟାର ସମସ୍ୟାର ସମାଧାନ ନୁହେଁ । ଆମ୍ଭମାନଙ୍କ ଜୀବନ ଈଶ୍ୱରଙ୍କ ଦତ୍ତ । ଯୀଶୁ କହିଲେ, "... ସେମାନେ ଯେପରି ଜୀବନ ପାଆନ୍ତି ଓ ପ୍ରଚୁର ଭାବେ ପାଆନ୍ତି, ଏଥିନିମନ୍ତେ ମୁଁ ଆସିଅଛି ।" (ଯୋହନ ୧୦:୧୦) । ପ୍ରଚୁର ଜୀବନ ଆମ୍ଭମାନଙ୍କ ପ୍ରଚୁର କୃପା ଆଣେ । "ଯେଣୁ ଜଣକର ଅପରାଧରେ ସେହି ଜଣକ ଦ୍ୱାରା ମୃତ୍ୟୁ ରାଜତ୍ୱ କଲା ତେବେ ଯେଉଁମାନେ ଅନୁଗ୍ରହ ଓ ଧାର୍ମିକତା ଦାନର ପ୍ରଚୁରତା ପ୍ରାପ୍ତ ହୁଅନ୍ତି । ସେମାନେ ଏକ ବ୍ୟକ୍ତି ଅର୍ଥାତ୍

ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆହୁରି ଅଧିକ ରୂପେ ଜୀବନରେ ରାଜତ୍ୱ କରିବେ ।" (ରୋମୀୟ ୫:୧୭) ।

ଏକ ବ୍ୟକ୍ତିର (ଆପଣଙ୍କ) ଆଜ୍ଞାଲଙ୍ଘନ ହେତୁ ପାପ ସମସ୍ତ ମାନବ ସମାଜ ଉପରେ ରାଜତ୍ୱ କରୁଅଛୁ । ଯେଉଁମାନେ ଈଶ୍ୱରଙ୍କ ଠାରେ ବିଶ୍ୱାସ କରି ଖ୍ରୀଷ୍ଟ ଆଜ୍ଞାବହ ହୁଅନ୍ତି । ଖ୍ରୀଷ୍ଟଙ୍କ ଜୀବନ ସେମାନଙ୍କ ରାଜତ୍ୱ କରେ । ଆମ୍ଭେମାନେ ଅନନ୍ତ ଜୀବନ ରୂପ ଦାନ ପ୍ରାପ୍ତ ହୋଇ ଖ୍ରୀଷ୍ଟଙ୍କ ସହ ରାଜତ୍ୱ କରିବା । କାରଣ ସେ ଆମ୍ଭମାନଙ୍କ ପାପ ନିମନ୍ତେ କ୍ରୁଶରେ ହତ ହୋଇ ଏହା ସମ୍ଭବପର କରି ଅଛନ୍ତି ।

ଆଦମର ପାପ ହେତୁ, ଆମ୍ଭେମାନେ ମୃତ୍ୟୁବରଣ କରୁ । କିନ୍ତୁ ଖ୍ରୀଷ୍ଟଙ୍କ ଧାର୍ମିକତା ଓ ବଳିଦାନ ଦ୍ୱାରା ଆମ୍ଭେମାନେ ପୁନଃଜୀବିତ ହୋଇ ପାରୁ । ଏହା ହିଁ ପରମେଶ୍ୱରଙ୍କ ପରମ ଅନୁଗ୍ରହ । ପାପୀ ମନୁଷ୍ୟ ଯେ ଆମ୍ଭେମାନେ ଆପଣାକୁ ଆଗେ ମରଣରୁ ବିନାଶତାରୁ ରକ୍ଷା କରି ନପାରୁ । କୃପାମୟ, ଦୟାମୟ ସ୍ୱର୍ଗସ୍ଥ ପିତାଙ୍କ ଦ୍ୱାରା ଆମ୍ଭମାନଙ୍କ ପରିତ୍ରାଣ ସମ୍ଭବପର ହୋଇଅଛି ।

ଈଶ୍ୱରଙ୍କ ଆଜ୍ଞାବହ ହୋଇ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ଥ ଥିବା ଖ୍ରୀଷ୍ଟିୟାନମାନେ ତାହାଙ୍କ ପ୍ରସ୍ତୁତ ନିବାସ ସ୍ଥଳରେ ଚିରକାଳ ବାସ କରିବେ । ପ୍ରେରିତ ପାଉଲ ଲେଖନ୍ତି । "କାରଣ ଅନୁଗ୍ରହରେ ବିଶ୍ୱାସ ଦ୍ୱାରା ତୁମ୍ଭେମାନେ ପରିତ୍ରାଣ ପାଇଅଛ । ତାହା ତୁମ୍ଭମାନଙ୍କ ନିଜ ଠାରୁ ହୋଇନାହିଁ । ତାହା ଈଶ୍ୱରଙ୍କ ଦାନ କ୍ରିୟାକର୍ମରୁ ନୁହେଁ, ଯେପରି କେହି ଦର୍ପ ନ କରେ ।" (ଏଫିସୀ ୨:୮-୯) ।

ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ଠାରେ ନକରି ମନ ପରିବର୍ତ୍ତନ ନକରି, ତାହାଙ୍କଠାରେ ସ୍ୱୀକାର କରି ବାପ୍ତିଜିତ ନହେଲେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ଠାରେ ରହି ପାରିବା ନାହିଁ । ଆମ୍ଭମାନଙ୍କ ଆଜ୍ଞାବହତା ଓ ଉତ୍ତମ କାର୍ଯ୍ୟ ଦ୍ୱାରା ଆମ୍ଭେମାନେ ସ୍ୱର୍ଗରେ ସ୍ଥାନ ପାଇପାରିବା । ପରିତ୍ରାଣ ଓ ଅନନ୍ତ ଜୀବନ ପ୍ରେମମୟ ପିତାଙ୍କ ଅମୂଲ୍ୟ ଦାନ ତାହା ଆମ୍ଭେମାନେ ଆଜ୍ଞାବହତା ଓ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତତା ଦ୍ୱାରା ପ୍ରାପ୍ତ ହୋଇ ପାରିବା । "...ପୁତ୍ର ହେଲେ ହେଁ ଦୁଃଖଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା କଲେ ପୁଣି ସିଦ୍ଧ ହୋଇ ନିଜ ଆଜ୍ଞାକାରୀମାନଙ୍କ ପ୍ରତି ଅନନ୍ତ ଜୀବନ ପତି ଅନନ୍ତ ପରିତ୍ରାଣର କାରଣ ସ୍ୱରୂପ ହେଲେ ।" (୫:୮-୯) ଯେଉଁମାନେ ଧୈର୍ଯ୍ୟ ସହିତ ଉତ୍ତମ କର୍ମ କରି ଗୌରବ, ସମ୍ମାନ ଓ ଅମରତା ଅନ୍ୱେଷଣ କରନ୍ତି, ସେମାନଙ୍କୁ ଅନନ୍ତ ଜୀବନ ପ୍ରଦାନ କରନ୍ତି । (ରୋମୀୟ ୨:୭) ।

ପ୍ରଚୁରତାର ଅର୍ଥ ଭରପୁର ସମ୍ପୂର୍ଣ୍ଣତା, ଧାର୍ମିକତା, କୃପା, ପ୍ରଶଂସା ଓ ଧନ୍ୟବାଦ

ସହ ଭରପୁର ହୋଇ ଉଛୁଳି ପଡୁଅଛି । ଖ୍ରୀଷ୍ଟିୟାନମାନେ ନିରୁତ୍ସାହ ହୋଇ ଆତ୍ମହତ୍ୟା କରିବା ଆବଶ୍ୟକ ପଡେ ନାହିଁ, କାରଣ ସେମାନେ ପାପ ବିଷୟରେ ମୃତ୍ୟୁଭୋଗୀ, ଖ୍ରୀଷ୍ଟଙ୍କ ଠାରେ ପୁନଃଜୀବିତ ହୋଇ ଅଛନ୍ତି ।

***–David Macy***

❋❋❋

# ସ୍ୱର୍ଗ
## (Heaven)

ଆପଣ କି ସ୍ୱର୍ଗକୁ ଯାଉ ଅଛନ୍ତି ? ଏହି ଜୀବନ ଯାତ୍ରାର ଶେଷରେ "ଉତ୍ତମ" ବ୍ୟକ୍ତି ପ୍ରତ୍ୟେକ ଅନନ୍ତ ଗୃହରେ ଯୀଶୁ ଖ୍ରୀଷ୍ଟଙ୍କ ସହିତ ବାସ କରିବେ ବୋଲି ଅନେକଙ୍କ ବିଶ୍ୱାସ । ଖ୍ରୀ:ଜ: **Survey** ଅନୁଯାୟୀ ୫୪%ଙ୍କ ମତରେ ମନୁଷ୍ୟ ଦାନ ଧର୍ମ, ସେବା ପରିଚର୍ଯ୍ୟା ଦ୍ୱାରା ସ୍ୱର୍ଗଲୋକରେ ଏକ ନିବାସ ପ୍ରାପ୍ତ ହୋଇ ପାରିବ ବୋଲି ମତ ପ୍ରକାଶ କରି ଅଛନ୍ତି ।

ସ୍ୱର୍ଗ, ନିଶ୍ଚିତ ଭାବେ ଏକ ଆଶ୍ଚର୍ଯ୍ୟମୟ ପ୍ରଦେଶ । ଏପରି ଆଶ୍ଚର୍ଯ୍ୟ ଓ ସୌନ୍ଦର୍ଯ୍ୟମୟ ସ୍ଥାନକୁ ପ୍ରତ୍ୟେକ ଯିବାରେ ଆସକ୍ତ ହେବା ଆଶ୍ଚର୍ଯ୍ୟ ବିଷୟ ନୁହେଁ । ସ୍ୱର୍ଗ ସଦାପ୍ରଭୁଙ୍କ ନିତ୍ୟ ନିବାସ ସ୍ଥଳ । "ସଦାପ୍ରଭୁ ଏହି କଥା କହନ୍ତି, ସ୍ୱର୍ଗ ଆମ୍ଭର ସିଂହାସନ ଓ ପୃଥିବୀ ଆମ୍ଭର ପାଦପୀଠ, ତୁମ୍ଭେମାନେ ଆମ୍ଭ ନିମନ୍ତେ କି ପ୍ରକାର ଗୃହ ନିର୍ମାଣ କରିବା ?" (ଯିଶାଇୟ ୬୬:୧) ପ୍ରଭୁଯୀଶୁ ଶିଷ୍ୟମାନଙ୍କୁ ନମୁନା ପ୍ରାର୍ଥନା (ପ୍ରଭୁଙ୍କ ପ୍ରାର୍ଥନା), ହେ ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା...ବୋଲି ପ୍ରାର୍ଥନା କରିବା ନିମନ୍ତେ ଶିଖାଇଥିଲେ । (ମାଥିଉ ୬:୯) । ଯାହାର ଅର୍ଥ ହେଲା ଆମ୍ଭମାନଙ୍କ ପରମେଶ୍ୱର ସ୍ୱର୍ଗରେ ବାସ କରନ୍ତି । ପାରଦୀପ ବିଷୟରେ ଈଶ୍ୱରଙ୍କ ବାକ୍ୟରେ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଅଛି । ସ୍ୱର୍ଗ, ନିତ୍ୟ ଆନନ୍ଦ ଓ ଶାନ୍ତିର ସ୍ଥଳ । ପ୍ରକାଶିତ ୨୧:୪ କହେ, "ପୁଣି ଈଶ୍ୱର ସ୍ୱୟଂ ସେମାନଙ୍କ ସଙ୍ଗରେ ରହିବେ ଓ ସେମାନଙ୍କ ଚକ୍ଷୁରୁ ସମସ୍ତ ଅଶ୍ରୁଜଳ ପୋଛିଦେବେ, ମୃତ୍ୟୁ ଆଉ ଘଟିବ ନାହିଁ । ଶୋକ କି କ୍ରନ୍ଦନ କି ବ୍ୟଥା ଆଉ ହେବ ନାହିଁ, କାରଣ ପୂର୍ବ ବିଷୟ ସବୁ ଲୋପ ପାଇଅଛି ।"

ଏବ୍ରୀ ୪:୯-୧୧ ଓ ପ୍ରକାଶିତ ୧୪:୧୩ ପଦରେ ସ୍ୱର୍ଗକୁ ଏକ ଗୌରବମୟ ବିଶ୍ରାମର ସ୍ଥଳରୂପେ ବର୍ଣ୍ଣନା କରାଯାଏ । ଏହା ଯନ୍ତ୍ରଣାମୟ ନରକର ବର୍ଣ୍ଣନାର ବ୍ୟକ୍ତିରେ ଦୁଃଖକଷ୍ଟ, ନିରନ୍ତର ଯନ୍ତ୍ରଣା, କ୍ରନ୍ଦନ ଓ ଦନ୍ତର କିଡିମିଡିର ସ୍ଥଳ ବୋଲି

ଯୀଶୁ  ମାଥିଉ ୮:୧୨, ୨୨:୧୩, ୨୪: ୫୧, ୨୫:୩୦, ବୋଲି ଯୀଶୁ ନରକ ବିଷୟରେ ବର୍ଣ୍ଣନା କରି ଅଛନ୍ତି । ଏହା ନିତ୍ୟମାରଣ୍ଣ (ଲୁକ ୧୬:୨୩) ଓ ଅନନ୍ତ ଅଗ୍ନି (ମାଥିଉ ୨୬:୪୧)ର ସ୍ଥାନ । ସ୍ୱର୍ଗ ଖ୍ରୀଷ୍ଟିୟାନମାନଙ୍କ ନିତ୍ୟ ବିଶ୍ରାମର ସ୍ଥାନ ।

ସ୍ୱର୍ଗରେ ପାପ, ମୃତ୍ୟୁ, ଦୁଃଖ, ମନ୍ଦତା, ହୃଦୟ ବେଦନା ନ ଥିବାରୁ ଏହା ଜାଗତିକ ଦେଶମାନଙ୍କ ଠାରୁ ଅନ୍ୟତମ ପ୍ରଦେଶ । ଈଶ୍ୱର ଭକ୍ତଭାବେ ଏପରି ଉତ୍କୃଷ୍ଟତାର ଦେଶ ନିମନ୍ତେ ଆତୁର ଭାବେ ଅପେକ୍ଷା କରନ୍ତି । (ଏବ୍ରୀ ୧୧:୧୬) । ଏହି ଜଗତର ସୌନ୍ଦର୍ଯ୍ୟମୟ, ଉତ୍ତମ ଦେଶ ଠାରୁ ଅତି ଶ୍ରେଷ୍ଠ ଦେଶ ସ୍ୱର୍ଗ । ଏହା ଆମ୍ଭମାନଙ୍କ କଳ୍ପନାତୀତ ।

ସ୍ୱର୍ଗ, ସହଭାଗିତାର ସ୍ଥଳ । ନୂତନ ଯିରୁଶାଲମ-ମଣ୍ଡଳୀ ଆପଣ ବର ନିମନ୍ତେ ସଜ୍ଜିତା କନ୍ୟା ସଦୃଶ୍ୟ ମଣ୍ଡଳୀ ସ୍ୱର୍ଗରୁ ଈଶ୍ୱରଙ୍କ ନିକଟରୁ ଅବତରଣ କରିବାର ଦୃଶ୍ୟ ପ୍ରେରିତ ଯୋହନ ପ୍ରକାଶିତ ବାକ୍ୟ ୨୧:୨ ପଦରେ ବର୍ଣ୍ଣିତ କରନ୍ତି । "...ମନୁଷ୍ୟମାନଙ୍କ ମଧ୍ୟରେ ଈଶ୍ୱରଙ୍କ ବାସସ୍ଥାନ ଅଛି । ସେମାନଙ୍କ ସହିତ ବାସ କରିବେ, ଆଉ ସେମାନେ ତାହାଙ୍କ ଲୋକେ ହେବେ । ପୁଣି ଈଶ୍ୱର ସ୍ୱୟଂ ସେମାନଙ୍କ ସଙ୍ଗରେ ରହିବେ ଓ ସେମାନଙ୍କ ଚକ୍ଷୁରୁ ସମସ୍ତ ଅଶ୍ରୁଜଳ ପୋଛିଦେବେ ।" "...ଏହି ପ୍ରକାରେ ଆମ୍ଭେମାନେ ସର୍ବଦା ପ୍ରଭୁଙ୍କ ସହିତ ରହିବୁ ।" (୧ମ ଥେମ-୪:୧୭) ।

ସ୍ୱର୍ଗରେ ଆମ୍ଭମାନେ ପୁରାତନ ନିୟମର ସାଧୁମାନଙ୍କ ସହ ଓ ନୂତନ ନିୟମର ଖ୍ରୀଷ୍ଟଙ୍କ ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନଙ୍କ ସହ ସହଭାଗିତାରେ ରହିବା । "ହେ ଭାଇମାନେ ଭରସାହୀନ ଅନ୍ୟ ସମସ୍ତଙ୍କ ପରି ତୁମ୍ଭେମାନେ ଯେପରି ଶୋକାକୁଳ ନହୁଅ, ଏଥିନିମନ୍ତେ ମହାନିଦ୍ରା ପ୍ରାପ୍ତ ଲୋକମାନଙ୍କ ବିଷୟରେ ତୁମ୍ଭେମାନେ ଯେ ଅଜ୍ଞଥାଅ , ଏହା ଆମ୍ଭମାନଙ୍କର ଇଚ୍ଛା ନୁହେଁ । କାରଣ ଯଦି ଆମ୍ଭେମାନେ ବିଶ୍ୱାସ କରୁ ଯେ, ଯୀଶୁ ମରି ପୁନର୍ବାର ଉଠି ଅଛନ୍ତି, ତେବେ ଈଶ୍ୱର ଯେ ଯୀଶୁଙ୍କ ଦ୍ୱାରା ମହାନିଦ୍ରା ପ୍ରାପ୍ତ ଲୋକମାନଙ୍କୁ ସେହି ପ୍ରକାରେ ତାହାଙ୍କ ସଙ୍ଗରେ ଆଣିବେ । ଏହା ମଧ୍ୟ ବିଶ୍ୱାସ କରିବା ଉଚିତ୍ । ଯେଣୁ ଆମ୍ଭେମାନ ପ୍ରଭୁଙ୍କ ବାକ୍ୟାନୁସାରେ ତୁମ୍ଭମାନଙ୍କୁ ଏହା କହୁଅଛୁ, ଆମ୍ଭେମାନେ ଯେତେ ଲୋକ ପ୍ରଭୁଙ୍କ ଆଗମନ ପର୍ଯ୍ୟନ୍ତ ଜୀବିତ ରହି ଅବଶିଷ୍ଟ ଥିବୁ, ଆମ୍ଭେମାନେ କୌଣସି ପ୍ରକାରେ ମହାନିଦ୍ରା ପ୍ରାପ୍ତ ଲୋକମାନଙ୍କର ଅଗ୍ରଗାମୀ ହେବୁ ନାହିଁ । କାରଣ ପ୍ରଭୁ ଆପେ

ଆଦେଶ ଦେଇ ପ୍ରଧାନ ଦୂତଙ୍କ ସ୍ୱର ଓ ଈଶ୍ୱରଙ୍କ ତୁରୀବାଦ୍ୟ ସହିତ ସ୍ୱର୍ଗରୁ ଅବତରଣ କରିବେ, ସେଥିରେ ଯେଉଁମାନେ ଖ୍ରୀଷ୍ଟଙ୍କ ଠାରେ ଥାଇ ମରି ଅଛନ୍ତି, ସେମାନେ ପ୍ରଥମରେ ଉଠିବେ । ପରେ ଆମ୍ଭେମାନେ ଯେତେ ଲୋକ ଜୀବିତ ରହି ଅବଶିଷ୍ଟ ଥିବୁ, ପ୍ରଭୁଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ଆମ୍ଭେମାନେ ସେମାନଙ୍କ ସହ ମେଘମାଳାରେ ଶୂନ୍ୟମଣ୍ଡଳକୁ ନୀତ ହେବୁ । ଏହି ପ୍ରକାରେ ଆମ୍ଭେମାନେ ସର୍ବଦା ପ୍ରଭୁଙ୍କ ସହିତ ରହିବୁ । ଅତଏବ ଏହି ସମସ୍ତ ବାକ୍ୟ ଦ୍ୱାରା ତୁମ୍ଭେମାନେ ପରସ୍ପରକୁ ସାନ୍ତ୍ୱନା ଦିଅ ।" (୧ମ ଥେସ-୪:୧୩,୧୮)।

ପ୍ରଶ୍ନ ହେଲା, ଆପଣ କି ସ୍ୱର୍ଗକୁ ଯାଉ ଅଛନ୍ତି ? ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ନକରି, ତାହାଙ୍କ ରକ୍ତ ଦ୍ୱାରା ଧୌତ ନ ହୋଇଥିବା, 'ଉତ୍ତମ' ବ୍ୟକ୍ତିମାନେ କି ସେଠାକୁ ଯିବେ ? ଏହି ପ୍ରଶ୍ନର ଉତ୍ତର ସଠିକ୍ ଭାବେ କେହି କହି ପାରିବେ ନାହିଁ । କେବଳ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ଠାରେ ଏହାର ଉତ୍ତର ଆମ୍ଭେମାନେ ପାଇପାରିବା । ସେ କହିଲେ, "ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗକୁ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ । ସେଦିନ ଅନେକେ ମୋତେ କହିବେ, ହେ ପ୍ରଭୁ, ହେ ପ୍ରଭୁ ଆମ୍ଭେମାନେ କି ତୁମ୍ଭ ନାମରେ ଭାବବାଣୀ କହିଲୁ ନାହିଁ? ପୁଣି ତୁମ୍ଭ ନାମରେ କି ଭୂତମାନଙ୍କୁ ଛଡାଇଲୁ ନାହିଁ ? ଆଉ ତୁମ୍ଭ ନାମରେ କି ଅନେକ ଶକ୍ତିର କାର୍ଯ୍ୟକଲୁ ନାହିଁ ? ସେତେବେଳେ ମୁଁ ସେମାନଙ୍କୁ ସ୍ପଷ୍ଟରୂପେ କହିବି, ମୁଁ ତୁମ୍ଭମାନଙ୍କୁ କେବେ ହେଁ ଜାଣ ନାହିଁ । ହେ ଅଧର୍ମାଚାରୀମାନେ, ମୋ ପାଖରୁ ଦୂର ହୁଅ ।" (ମାଥିଉ-୭:୨୧-୨୩) ।

ପିତାଙ୍କ ଇଚ୍ଛା ପାଳନକାରୀମାନେ ପିତାଙ୍କ ସହିତ ସଦାକାଳ ସ୍ୱର୍ଗରେ ବାସ କରିବେ । ଆପଣ କି ତାହାଙ୍କ ଇଚ୍ଛା ପାଳନ କରୁ ଅଛନ୍ତି ?

***– Mark T. Tonkery***

❃ ❃ ❃

**Edited & Published by : Kabita & Joshua Gootam**

# WALKING WITH GOD

Gen. 5:24

**ITRODUCTION :**

1. It is possible to walk with God.
2. Others have done it and so can we
3. The Christian must walk with God to be His

**ISCUSSION :**

. Enoch Walked With God. (Gen. 5:21-24).

1. The father of Methuselah
2. He also had other sons and daughters
3. Lived to be three hundred and sixty-five years old
4. Walked with God and he took him.

**. Noah Walked With God. (Gen. 6:9).**

1. Found grace in the sight of the Lord.
2. A just man and perfect in his generation, ever walking with God.
3. Built an ark and warned the world of the on - coming flood.
4. Saved along with his family from the flood.
5. Landed safe on the other side of the flood.

**. How Old Testament People Walked With God.**

1. By keeping the commandments of God.
2. By service, offering sacrifices, etc.

**. How New Testament People Walk With God.**

1. By following the written word.
2. By obeying the Lord's commandments.

**. To Walk With God.**

1. In faith (2cor. 5:7).
2. In love (Eph 5:2).
3. In newness of life. (Rom 6:4).
4. After the spirit (Rom. 8:1; Gal 5:16).
5. Honestly. (Rom 13:13).
6. In unity (Phil 3:16).
7. Worthy of the Lord. (Col 1:10).
8. Walk in the Lord (Col . 2:6).
9. In the light. (1John 1:7).

**CONCLUSION :**

1. We are to walk with the Lord daily.
2. Those who walk with God may walk on ii the holy city

*Printed Book Only*

From:

**SATYA VANI**
**P.O. Box 80,**
**Kakinada - 533 001**

To

(FOR PRIVATE CIRCULATION ONLY)